# ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ ପ୍ରତି ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞଦଳଙ୍କ ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିଶ୍ ରିପୋର୍ଟ

(କଟକ ଜିଲ୍ଲା ଆଠଗଡ ତହସିଲ ଅନ୍ତର୍ଗତ କପୁରସିଂହ, କୋଳଥପଙ୍ଗୀ ଏବଂ ଖମାରନୂଆଗାଁ ନିକଟରେ ଜାତୀୟ ରାଜପଥ – ୫୫ ଠାରୁ ଅଲଟ୍ରାଟେକ ସିମେଣ୍ଟ କାରଖାନା ପର୍ଯ୍ୟନ୍ତ ସର୍ବସାଧାରଣ ଉଦ୍ଦେଶ୍ୟରେ ହେବାକୁ ଥିବା ନୂତନ ପ୍ରବେଶ ପଥ ନିର୍ମାଣ" ନିମନ୍ତେ ଜମି ଅଧିଗ୍ରହଣ ସମ୍ପର୍କେ)

ବୈଧାନିକ ବ୍ୟବସ୍ଥା:

କଟକ ଜିଲ୍ଲା ଆଠଗଡ ତହସିଲ ଅନ୍ତର୍ଗତ କପୁରସିଂହ, କୋଳଥପଙ୍ଗୀ ଏବଂ ଖମାରନୂଆଗାଁ ନିକଟରେ ଜାତୀୟ ରାଜପଥ – ୫୫ ଠାରୁ ଅଲଟ୍ରାଟେକ ସିମେଣ୍ଟ କାରଖାନା ପର୍ଯ୍ୟନ୍ତ ହେବାକୁ ଥିବା ନୂତନ ପ୍ରବେଶ ପଥ ନିର୍ମାଣ ନିମନ୍ତେ ଆଠଗଡ ତହସିଲ ଅନ୍ତର୍ଗତ ମୌଜା – କପୁରସିଂହ, ଏ୩.୫୨୦ ଡ଼ିସିମିଲି, ମୌଜା – କୋଳଥପଙ୍ଗୀ, ଏ୨.୯୮୦ ଡ଼ିସିମିଲି ଓ ମୌଜା – ଖମାରନୂଆଗାଁ, ଏ୬.୬୦୦ ଡ଼ିସିମିଲି, ମୋଟ ଏ୧୩.୧୦୦ ଡ଼ିସିମିଲି ବ୍ୟକ୍ତିଗତ ମାଲିକାନା ଭୁକ୍ତ ଜମି ଅଧିଗ୍ରହଣ ନିମନ୍ତେ ଲ୍ୟାଣ୍ଡ ଅଫିସର, ଇଡ୍କୋ, ଭୁବନେଶ୍ୱରଙ୍କ ତରଫରୁ ପ୍ରସ୍ତାବ ପ୍ରାପ୍ତ ହେବା ପରେ ତତ୍ ସମ୍ପର୍କରେ ସଠିକ କ୍ଷତିପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୁନର୍ବାସ ଆଇନ ୨୦୧୩ ର ଧାରା ୪ ଅନୁଯାୟୀ ଆବଶ୍ୟକ ହେଉଥିବା ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ କରିବା ପାଇଁ ନିମ୍ନମତେ ଅଧିସୂଚନାମାନ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପ୍ରକାଶନ ହୋଇଅଛି ।

ଅଧିସୂଚନା

| କ୍ର. ନଂ. | ତହସିଲ | ଗ୍ରାମ | ପ୍ରସ୍ତାବିତ ଅଧିଗ୍ରହଣ ବ୍ୟକ୍ତିଗତ ଜମି | ଅଧିସୂଚନା ସଂଖ୍ୟା ଓ ତାରିଖ |
|---|---|---|---|---|
| ୧ | ଆଠଗଡ | କପୁରସିଂହ | ଏ୩.୫୨୦ ଡ଼ିସିମିଲି | ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିସୂଚନା ସଂଖ୍ୟା ୩୨୪୫୩ ତା. ୩୦.୦୮.୨୦୨୫ |
| ୨ | | କୋଳଥପଙ୍ଗୀ | ଏ୨.୯୮୦ ଡ଼ିସିମିଲି | |
| ୩ | | ଖମାରନୂଆଗାଁ | ଏ୬.୬୦୦ ଡ଼ିସିମିଲି | |

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ:

ଓଡ଼ିଶା ସରକାରଙ୍କ ଅଧିସୂଚନା ମତେ "ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ" ର ଭାର ରାଜ୍ୟ ସର୍ବେକ୍ଷଣ ଅନୁଷ୍ଠାନ ନବକୃଷ୍ଣ ଚୌଧୁରୀ ସେଣ୍ଟର ଫର ଡେଭଲପମେଣ୍ଟ ଷ୍ଟଡ଼ିଜ୍ (ଏନ. ସି. ଡ଼ି ଏସ୍.) ଭୁବନେଶ୍ୱରଙ୍କୁ ନ୍ୟସ୍ତ କରାଯାଇଥିଲା । ତତ୍ ପଶ୍ଚାତ, ନବକୃଷ୍ଣ ଉନ୍ନୟନ କେନ୍ଦ୍ର (ଏନ. ସି. ଡ଼ି. ଏସ୍.), ଅଗ୍ରଣୀ(AGRANEE),ସା/ପୋ- ଶରତ, ଜିଲ୍ଲା-ମୟୂରଭଞ୍ଜଙ୍କୁ ଉକ୍ତ କାର୍ଯ୍ୟ ସମ୍ପାଦନ କରିବାର ଦାୟିତ୍ୱ ପ୍ରଦାନ କରିଥିଲେ ।

ଏହି ସର୍ବେକ୍ଷଣ ସଂସ୍ଥା ଆଇନର ଆବଶ୍ୟକତା ଅନୁସାରେ ସର୍ବେକ୍ଷଣ ମାଧ୍ୟମରେ ସର୍ଭେ କରି ପ୍ରକଳ୍ପ ପ୍ରଭାବିତ ପରିବାର, ପ୍ରକଳ୍ପ ପ୍ରଭାବିତ ଜନସଂଖ୍ୟା, ସାମାଜିକ ବିବରଣୀ, ପରିବାରର ସମ୍ପୂର୍ଣ୍ଣ ବିବରଣୀ ଜୀବିକା ଆୟର ପନ୍ଥା., ପରିବାରର ମୋଟ ବ୍ୟୟ, ପରିବାରର ଆସବାବ ପତ୍ର, ପ୍ରଭାବିତ ହେବାକୁ ଥିବା କୋଠାବାଡ଼ି, ବ୍ୟବସାୟିକ ବା ଆତ୍ମନିଯୁକ୍ତି ଭିତ୍ତିକ କାର୍ଯ୍ୟପନ୍ଥା ନିଯୁକ୍ତିର ପ୍ରଣାଳୀ ପ୍ରଭୃତି ସାକ୍ଷାତକାର ସୂଚୀରେ ଏକ ପୂର୍ଣ୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରିଛନ୍ତି ।

ଜନଶୁଣାଣି (ଧାରା-୫)

ଉଚିତ କ୍ଷତିପୂରଣ ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୂନର୍ବାସ ଆଇନ- ୨୦୧୩ ଧାରା ୫ ଅନୁସାରେ ପ୍ରଭାବିତ ଅଞ୍ଚଳ ଗୁଡ଼ିକରେ ଜନଶୁଣାଣିର ସ୍ଥାନ, ତାରିଖ ଓ ସମୟ ସଂକ୍ରାନ୍ତରେ ସର୍ବସାଧାରଣଙ୍କୁ ଯଥେଷ୍ଟ ପୂର୍ବରୁ ପ୍ରଚାର ମାଧ୍ୟମରେ ଜଣାଯାଇଥିଲା ।

ଆୟୋଜିତ ଜନଶୁଣାଣି କାର୍ଯ୍ୟ କପୁରସିଂହ ଗ୍ରାମ (ମା' ଶୁଖୁଆଖାଇ ମନ୍ଦିର ପାଖ), ଆଠଗଡ, କଟକ ଠାରେ ଗୋଟିଏ ଜନଶୁଣାଣି ବୈଠକ ମଧ୍ୟରେ ସମାପନ ହୋଇଥିଲା । ଉକ୍ତ ଜନଶୁଣାଣିରେ ବିଶଦ ବିବରଣୀ ଚୂଡାନ୍ତ ସର୍ବେକ୍ଷଣ ବିବରଣୀରେ ବର୍ଣ୍ଣନା ହୋଇଅଛି ।

Scanned with OKEN Scanner

ଜନଶୁଣାଣି ସମୟରେ କ୍ଷତିଗ୍ରସ୍ତ ତଥା ଗ୍ରାମବାସୀମାନେ ଯୋଗ ଦେଇ ପ୍ରଶ୍ନୋତ୍ତର ମାଧ୍ୟମରେ ନିଜ ନିଜର ସନ୍ଦେହ ମୋଚନ କରିଥିଲେ ଏବଂ ପ୍ରକଳ୍ପ ସପକ୍ଷରେ ବହୁମତ ବ୍ୟକ୍ତ କରିବା ସହ ପ୍ରସ୍ତାବିତ ଜମିକୁ ଲ୍ୟାଣ୍ଡ ଅଫିସର, ଇଡ୍କୋ, ଭୁବନେଶ୍ୱରଙ୍କୁ ଦେବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ ।

ତା ୨୭.୦୨.୨୦୨୬ ରିଖ ଦିବା ୧୧.୦୦ଘଟିକା ସମୟରେ କପୁରସିଂହ ଗ୍ରାମ (ମା' ଶୁଖୁଆଖାଇ ମନ୍ଦିର ପାଖ), ଆଠଗଡ, କଟକ ଠାରେ ଜିଲ୍ଲା ପ୍ରଶାସନ ଓ ଅଗ୍ରଣୀ(AGRANEE), ସା/ପୋ- ଶରତ, ଜିଲ୍ଲା-ମୟୂରଭଞ୍ଜ, ପ୍ରକଳ୍ପ ରୂପାୟନକାରୀ ତରଫରୁ ଜନଶୁଣାଣି କାର୍ଯ୍ୟକ୍ରମ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), କଟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ଜନଶୁଣାଣିରେ ଉପ-ଜିଲ୍ଲାପାଳ, ଆଠଗଡ, ତହସିଲଦାର-ତଥା-ଭୂ-ଅର୍ଜନ ଅଧିକାରୀ, ଆଠଗଡ, ଅଧ୍ୟୟନକାରୀ ସଂସ୍ଥା ଅଗ୍ରଣୀ(AGRANEE) ର ପ୍ରତିନିଧିଉପସ୍ଥିତ ଥିଲେ ।

ଉକ୍ତ ଜନଶୁଣାଣି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), କଟକ ସ୍ୱାଗତ ଭାଷଣ ଦେବା ସହିତ "କପୁରସିଂହ, କୋଳଥପଙ୍ଗୀ ଏବଂ ଖମାରନୂଆଗାଁ ନିକଟରେ ଜାତୀୟ ରାଜପଥ – ୫୫ ଠାରୁ ଅଲଟ୍ରାଟେକ ସିମେଣ୍ଟ କାରଖାନା ପର୍ଯ୍ୟନ୍ତ ହେବାକୁ ଥିବା ନୂତନ ପ୍ରବେଶ ପଥ ନିର୍ମାଣ" ନିମନ୍ତେ ଜମି ଅଧିଗ୍ରହଣ ପାଇଁ ଉଚିତ କ୍ଷତିପୂରଣ ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୂନର୍ବାସ ଆଇନ- ୨୦୧୩ ମୁତାବକ କରାଯାଇ ଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଅଧ୍ୟୟନକାରୀ ସଂସ୍ଥା ଅଗ୍ରଣୀ(AGRANEE) ର ପ୍ରତିନିଧି ଏହି ପ୍ରକଳ୍ପ ବିଷୟରେ ସମ୍ୟକ ସୂଚନା ପ୍ରଦାନ କରିବା ସହିତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ବିବରଣୀ ଉପସ୍ଥାପନ କରିଥିଲେ । ଅଧ୍ୟୟନକାରୀ ସଂସ୍ଥା ଅଗ୍ରଣୀ(AGRANEE) ର ପ୍ରତିନିଧିଉକ୍ତ ଇଲାକାରେ ପ୍ରଭାବିତ ହେଉଥିବା କ୍ଷତିଗ୍ରସ୍ତ ପରିବାରର ଅସୁବିଧା ଓ ମତାମତ ନେଇ ଆଲୋଚନା କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ମହାଶୟ ସମସ୍ତ ପ୍ରଭାବିତ ପରିବାରଙ୍କଠାରୁ ଆପତ୍ତି ଅଭିଯୋଗ ଶୁଣିବା ପରେ ନିଜର ମତାମତ ଉପସ୍ଥାପନ କରିଥିଲେ ।

**ପ୍ରଶାସନ ଧାରା – ୬**

ଜନଶୁଣାଣି ପରେ ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଏବଂ ସାମାଜିକ ପ୍ରଭାବ ପରିଚାଳନା ଯୋଜନା ବିବରଣୀକୁ ଆଇନର ଧାରା-୬ ମତେ ବିଧିବଦ୍ଧ ଭାବେ ପ୍ରକାଶନ କରାଯାଇଥିଲା ।

**ଆଇନର ଧାରା-୭ ଉପଧାରା-୧ ଅନୁସାରେ ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଦ୍ୱାରା ଚୂଡ଼ାନ୍ତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ମୂଲ୍ୟାୟନ ଓ ସୁପାରିଶ।**

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୂନର୍ବାସ ଆଇନ-୨୦୧୩ ଧାରା-୭ ଉପଧାରା-୧ ଅନୁସାରେ ଗଠିତ ହୋଇଥିବା "ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ" ଦ୍ୱାରା ପୂର୍ବୋକ୍ତ ପ୍ରକାରେ ପ୍ରକାଶନ ହୋଇଥିବା ସାମଜିକ ପ୍ରଭାବ ନିର୍ଦ୍ଧାରଣ ଚୂଡ଼ାନ୍ତ ରିପୋର୍ଟକୁ ଅନୁଧାନ କରିବା ପରେ ଏହାର ମୁଲ୍ୟାୟନ କରାଯାଇ ସରକାରଙ୍କ ନିକଟକୁ ଜଣାଇବାର ବ୍ୟବସ୍ଥା ରହିଅଛି ।

**ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ**

୧. ଶ୍ରୀଯୁକ୍ତ ଦେବେଶ କୁମାର ବିଶ୍ୱାଳ, ଅବସରପ୍ରାପ୍ତ ଓଡିଶା ପ୍ରସାଶନିକ ସେବା ଅଧିକାରୀ, ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ

୨. ଡକ୍ଟର ସୁଷମା ବାରିକ, ଅବସରପ୍ରାପ୍ତ ଓଡିଶା ପ୍ରସାଶନିକ ସେବା ଅଧିକାରୀ., ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ

୩. ଶ୍ରୀଯୁକ୍ତ ରଞ୍ଜନ କୁମାର ସ୍ୟାମଲ, ଅବସରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ, (ପୂର୍ତ୍ତ ବିଭାଗ),ପ୍ରକଳ୍ପ ବୈଷୟିକ ବିଶେଷଜ୍ଞ

୪.ଡକ୍ଟର ରାଜକିଶୋର ମେହେର, ଅବସରପ୍ରାପ୍ତ ସମାଜ ବିଜ୍ଞାନ ପ୍ରଧାପକ, ସାମାଜିକ ବିଜ୍ଞାନୀ

୫. ଶ୍ରୀଯୁକ୍ତ ପ୍ରଶନ୍ନ କୁମାର ଲିମା, ଫ୍ରିଲାନ୍ସ କନସଲଟାଣ୍ଟ, ସାମାଜିକ ବିଜ୍ଞାନୀ

୬. ଶ୍ରୀଯୁକ୍ତ ବିନୋଦ କୁମାର ମାଝି, ସରପଞ୍ଚ ରାଧାକିଶୋରପୁର ଗ୍ରାମପଞ୍ଚାୟତ

୭. ଶ୍ରୀଯୁକ୍ତ ନିରଞ୍ଜନ ସେଠୀ, ୱାର୍ଡ ସଦସ୍ୟ (ୱାର୍ଡ ନମ୍ବର – ୧୩), ଖମାରନୂଆଗାଁ

୮. ଶ୍ରୀମତୀ ବୈଜୟନ୍ତୀ ଦଳେଇ, ସରପଞ୍ଚ ଗୁରୁଡିଝାଟିଆ ଗ୍ରାମପଞ୍ଚାୟତ

Scanned with OKEN Scanner

୯. ଶ୍ରୀମତୀ ସୁକାନ୍ତି ଦେହୁରି, ୱାର୍ଡ ସଦସ୍ୟ (ୱାର୍ଡ ନମ୍ବର – ୧୧), କୋଲଥପଙ୍ଗୀ

୧୦. ଶ୍ରୀମତୀ ବିନ୍ଦୁବାସିନୀ ଦାସ, ସରପଞ୍ଚ ଓରନ୍ଦା ଗ୍ରାମପଞ୍ଚାୟତ

୧୧. ଶ୍ରୀମତୀ ମାମିନା ଘଡେଇ, ୱାର୍ଡ ସଦସ୍ୟ (ୱାର୍ଡ ନମ୍ବର – ୮), କପୁରସିଂହ

ଉପରୋକ୍ତ ବ୍ୟକ୍ତି ବିଶେଷମାନଙ୍କ ମଧ୍ୟରୁ ଶ୍ରୀଯୁକ୍ତ ଦେବେଶ କୁମାର ବିଶ୍ୱାଳ, ଅବସରପ୍ରାପ୍ତ ଓଡିଶା ପ୍ରସାଶନିକ ସେବା ଅଧିକାରୀଙ୍କୁ ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳର ଅଧକ୍ଷ ତଥା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), କଟକଙ୍କୁ ଆବାହକ ରୁପେ ଜିଲ୍ଲାପାଳ, କଟକଙ୍କ ଦ୍ୱାରା ମନୋନୀତ କରାଯାଇଅଛି ।

**ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ନିମନ୍ତେ ସମୀକ୍ଷା ବୈଠକ**

ଆଇନର ଧାରା-୭ ଉପଧାରା-୧ ଅନୁସାରେ ପ୍ରକାଶନ ହୋଇଥିବା ଚୂଡାନ୍ତ ସାମଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣର ମୂଲ୍ୟାୟନ ତଥା ସୁପାରିଶ ନିମନ୍ତେ ଗଠିତ ହୋଇଥିବା "ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ" ଙ୍କ ଏକ ବୈଠକ ଆହ୍ୱାନ କରାଯାଇଥିଲା । ଉକ୍ତ ବୈଠକକୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ମତେ ତା : ୦୮-୦୬-୨୦୨୬ ରିଖ ଅପରାହ୍ନ ୪.୩୦ ଘଟିକା ସମୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), କଟକଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଅନୁଷ୍ଠିତ କରାଯାଇଥିଲା । ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), କଟକ ଓ ତହସିଲଦାର-ତଥା-ଭୂ-ଅର୍ଜନ ଅଧିକାରୀ, ଆଠଗଡ ଉପସ୍ଥିତ ଥିଲେ ।

**ସାମାଜିକ ପ୍ରଭାବ ନିର୍ଦ୍ଧାରଣ ସର୍ବେକ୍ଷଣ ରିପୋର୍ଟର ମୂଲ୍ୟାୟନ**

ପ୍ରାପ୍ତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ଅନୁଧାନ କରି ଉପସ୍ଥିତ ବିଶେଷଜ୍ଞ ଦଳ ସନ୍ତୋଷ ପ୍ରକାଶ କରିଥିଲେ ।

କଟକ ଜିଲ୍ଲା ଆଠଗଡ ତହସିଲ ଅନ୍ତର୍ଗତ କପୁରସିଂହ, କୋଲଥପଙ୍ଗୀ ଏବଂ ଖମାରନୂଆଗାଁ ନିକଟରେ ଜାତୀୟ ରାଜପଥ – ୫୫ ଠାରୁ ଅଲଟ୍ରାଟେକ ସିମେଣ୍ଟ କାରଖାନା ପର୍ଯ୍ୟନ୍ତ ହେବାକୁ ଥିବା ନୂତନ ପ୍ରବେଶ ପଥ ନିର୍ମାଣ ପ୍ରକଳ୍ପ ଉପଯୁକ୍ତ ଇଞ୍ଜିନିୟରିଂ ଡିଜାଇନ ମାଧ୍ୟମରେ ପ୍ରସ୍ତୁତ କରାଯାଇ ଜମି ଅଧିଗ୍ରହଣରେ ପ୍ରତିକୂଳ ପ୍ରଭାବକୁ କମାଇବାକୁ ଯଥେଷ୍ଟ ପ୍ରଚେଷ୍ଟା କରାଯାଇଥିବା ବିଶେଷଜ୍ଞ ଦଳ ହୃଦବୋଧ କରିଥିଲେ ।

ଏହି ପରିପ୍ରେକ୍ଷୀରେ ଜନବସତି ବିସ୍ଥାପନକୁ ଯେପରି ସର୍ବନିମ୍ନରେ ସିମୀତ କରାଯିବ, ସେଥିପ୍ରତି ଯଥେଷ୍ଟ ପଦକ୍ଷେପ ନିଆଯାଇଅଛି । ପୁନଶ୍ଚ ସର୍ବନିମ୍ନ ପରିମାଣର ବ୍ୟକ୍ତିଗତ ମାଲିକାନା ଜମିକୁ ଅଧିଗ୍ରହଣ କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଇଅଛି । ଜନଶୁଣାଣିରେ ଉତଥାପିତ କେତେକ ବିଷୟ ପ୍ରତି ଦୃଷ୍ଟି ଆକର୍ଷଣ କରି ତାହାର ସମାଧାନ ନିମନ୍ତେ ନିମ୍ନମତେ ଆଲୋଚନା କରାଯାଇଥିଲା ।

୧. ଉକ୍ତ ଜମି ଅଧିଗ୍ରହଣ ପ୍ରକଳ୍ପରେ ଅଧିଗୃହିତ ହେବାକୁ ଥିବା ଜମି/ଗୃହର ଉଚିତ ମୂଲ୍ୟାୟନ ନିମନ୍ତେ ଗୃହକର୍ତ୍ତାଙ୍କ ଉପସ୍ଥିତିରେ ମିଳିତ ପରିଦର୍ଶନ କରି ଯଥାଶୀଘ୍ର ତହସିଲଦାର-ତଥା-ଭୂ-ଅର୍ଜନ ଅଧିକାରୀ, ଆଠଗଡଙ୍କୁ ବିବରଣୀ ପ୍ରଦାନ କରିବା ପାଇଁ ନିର୍ବାହୀ ଯନ୍ତ୍ରୀ,ପୂର୍ତ୍ତ ବିଭାଗ, ଆଠଗଡ, କଟକଙ୍କୁ ନିର୍ଦ୍ଦେଶ ଦିଆଯିବ ।

୨. ଉକ୍ତ ଜମି ଅଧିଗ୍ରହଣ ପ୍ରକଳ୍ପରେ ପ୍ରତ୍ୟକ୍ଷ ଭାବେ କ୍ଷତିଗ୍ରସ୍ତ ହେଉଥିବା ପ୍ରଜାମାନଙ୍କୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ଏବଂ ORFCTLAR&R ନିୟମ,୨୦୧୬ ରେ ଥିବା ପ୍ରାବଧାନ ମୁତାବକ ପ୍ରଭାବିତ ହେବାକୁ ଥିବା ଜମି ଏବଂ ସମ୍ପତ୍ତିର ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ତହସିଲଦାର-ତଥା-ଭୂ-ଅର୍ଜନ ଅଧିକାରୀ, ଆଠଗଡଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା ।

୩. ଉକ୍ତ ଜମି ଅଧିଗ୍ରହଣ ପ୍ରକଳ୍ପରେ ଅଧିଗୃହିତ ହେବାକୁ ଥିବା ଜମି ବଦଳରେ କୌଣସି ସରକାରୀ ଚାକିରୀ କିମ୍ବା ଥଇଥାନ ବ୍ୟବସ୍ଥା ନାହି ଏବଂ କ୍ଷତିପୂରଣ ରାଶିର ଭାଗବଣ୍ଟା ତଥା ଜମିର ଦଖଲକୁ ନେଇ ରହିଥିବା ପାରିବାରିକ କଳହ ଏବଂ ସମସ୍ୟାର ଅପୋଷ ସହମତିରେ ସମାଧାନ ନିମନ୍ତେ କ୍ଷତିଗ୍ରସ୍ତ ହେଉଥିବା ପ୍ରଜାମାନଙ୍କୁ ମତାମତ ଦିଆଯାଇଅଛି ।

୩. ପ୍ରକଳ୍ପ ନିର୍ମାଣ ନିମନ୍ତେ ଅଧିଗ୍ରହଣ ନିମନ୍ତେ ସ୍ଥିରୀକୃତ ହୋଇଥିବା ଜମି/ପ୍ଲଟ ଗୁଡିକ ନିହାତି ଜରୁରୀ ତଥା ଉଦ୍ଦେଶ୍ୟ ସାଧନ ପାଇଁ ଉଦ୍ଦିଷ୍ଟ ବୋଲି ତହସିଲଦାର-ତଥା-ଭୂ-ଅର୍ଜନ ଅଧିକାରୀ, ଆଠଗଡ, କଟକ ପ୍ରକାଶ କରିଥିଲେ ।

Scanned with OKEN Scanner

୪. ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନଟି ସମ୍ପୂର୍ଣ୍ଣ ଭାବେ ପ୍ରକଳ୍ପ ଆଧାରିତ, ପ୍ଲଟ ଆଧାରିତ ନୁହେଁ । ଉକ୍ତ ଅଧ୍ୟୟନରେ ଉଭୟ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ପ୍ରଭାବିତ ପରିବାରଙ୍କୁ ସଂଶ୍ଳିଷ୍ଟ କରାଯାଇଅଛି ବୋଲି ଅଧ୍ୟୟନକାରୀ ସଂସ୍ଥା ଅଗ୍ରଣୀ(AGRANEE) ର ପ୍ରତିନିଧି ଜନଶୁଣାଣି ସମୟରେ ପ୍ରକାଶ କରିଥିଲେ ।

ପରିଶେଷରେ ବିଶେଷଜ୍ଞ ଦଳ ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ବିବରଣୀକୁ ପ୍ରାଞ୍ଜଳ ଭାବେ ଅନୁଧ୍ୟାନ କରି ଏହା ଏକ ଉତ୍କୃଷ୍ଟ ଏବଂ ଉପଯୁକ୍ତ ସର୍ବେକ୍ଷଣ ବିବରଣୀ ପ୍ରସ୍ତୁତ ହୋଇଥିବା ହୃଦବୋଧ କରି ଉଚ୍ଚ ପ୍ରଶଂସା କରିଥିଲେ ।

କଟକ ଜିଲ୍ଲା ଆଠଗଡ ତହସିଲ ଅନ୍ତର୍ଗତ କପୁରସିଂହ, କୋଲଥପଙ୍ଗୀ ଏବଂ ଖମାରନୂଆଗାଁ ନିକଟରେ ଜାତୀୟ ରାଜପଥ – ୫୫ ଠାରୁ ଅଲଟ୍ରାଟେକ ସିମେଣ୍ଟ କାରଖାନା ପର୍ଯ୍ୟନ୍ତ ହେବାକୁ ଥିବା ନୂତନ ପ୍ରବେଶ ପଥ ନିର୍ମାଣ ପ୍ରକଳ୍ପଟି ସମ୍ପୂର୍ଣ୍ଣ ହେଲେ କମ୍ପାନୀ ପ୍ରତ୍ୟକ୍ଷ ଭାବେ ଉପକୃତ ହେବା ସହିତ ନୂତନ ରାସ୍ତା ପରେ କମ୍ପାନୀ ଗାଡିଗୁଡିକ ବର୍ତ୍ତମାନ ଯାତାୟତ କରୁଥିବା ଗ୍ରାମ ସଡକରୁ ଓହରି ଯାଇ ନୂତନ ରାସ୍ତା ଦେଇ ଯାତାୟତ କରିବା ଫଳରେ ବର୍ତ୍ତମାନ ବ୍ୟସ୍ତବହୁଳ ପୂର୍ତ୍ତ ବିଭାଗ ରାସ୍ତା ଯାହାକି ଜାତୀୟ ରାଜପଥ -୫୫ରୁ ରାଧାକିଶୋରପୁର – ଗୁରୁଡିଝାଟିଆ – ଛଅଗାଁ – ବଳିପୁର ଦେଇ କମ୍ପାନୀକୁ ଯାଉଥିବା ଗାଡିଗୁଡିକର ଭିଡ କମିବା ସହିତ ଆଠଟି ଗ୍ରାମର ଲୋକଙ୍କ ଧନ ଜୀବନର କ୍ଷୟକ୍ଷତି ନିଶ୍ଚିନ୍ତ ରୂପେ କମିବ । ଏହାଦ୍ୱାରା ଜନସାଧାରଣ ତଥା ଅଞ୍ଚଳବାସୀଙ୍କ ଗମନାଗମନ ସୁବିଧାଜନକ ହେବ । ତେଣୁ ଉକ୍ତ ଜମି ଅଧିଗ୍ରହଣ ନିଶ୍ଚିତ ଭାବେ ସର୍ବସାଧାରଣ ଉଦ୍ଦେଶ୍ୟ ଏବଂ ଉପକାର ପାଇଁ ଉଦ୍ଦିଷ୍ଟ ହେବ ବୋଲି ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳର ସଦସ୍ୟମାନେ ମତବ୍ୟକ୍ତ କରିଛନ୍ତି ।

ସଠିକ କ୍ଷତିପୂରଣ ଅଧିକାର ଏବଂ ଜମି ଅଧିଗ୍ରହଣରେ ସ୍ୱଚ୍ଛତା, ଥଇଥାନ ଓ ପୁନର୍ବାସ ଆଇନ, ୨୦୧୩ ବ୍ୟବସ୍ଥାକୁ ପର୍ଯ୍ୟାଲୋଚନା କରିବା ପରେ ପ୍ରସ୍ତୁତ ହୋଇଥିବା ସାମାଜିକ ପ୍ରଭାବ ଆକଳନ ସର୍ବେକ୍ଷଣ ରିପୋର୍ଟକୁ ସୁପାରିଶ କରି ଯଥାଯୋଗ୍ୟ ସରକାରଙ୍କ ନିକଟକୁ ପ୍ରେରଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହି ପ୍ରକଳ୍ପ ଦ୍ୱାରା ହେଉଥିବା କ୍ଷୟକ୍ଷତି ଅପେକ୍ଷା ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ହେବାକୁ ଥିବା ଉପକାର ଓ ସୁବିଧା ଅଧିକ ସହାୟକ ହେବ ବୋଲି ବିଶେଷଜ୍ଞ ଦଳ ହୃଦବୋଧ କଲେ ।

ସଭା ଶେଷରେ ଆବାହକ ତଥା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), କଟକ ଉପସ୍ଥିତ ସମସ୍ତ ସଭ୍ୟ ତଥା ଅଧକ୍ଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଅଧକ୍ଷ
"ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳ"

ଡକ୍ଟର ସୁଷମା ବାରିକ, ଅବସରପ୍ରାପ୍ତ ଓଡିଶା ପ୍ରସାଶନିକ ସେବା ଅଧିକାରୀ,
ପୁନର୍ବାସ ଓ ଥଇଥାନ ବିଶେଷଜ୍ଞ

ଶ୍ରୀଯୁକ୍ତ ପ୍ରଶନ୍ନ କୁମାର ଲିମା, ସାମାଜିକ ବିଜ୍ଞାନୀ

ଡକ୍ଟର ରାଜକିଶୋର ମେହେର, ଅବସରପ୍ରାପ୍ତ ସମାଜ ବିଜ୍ଞାନ ପ୍ରଧାପକ,ସାମାଜିକ ବିଜ୍ଞାନୀ

ଶ୍ରୀଯୁକ୍ତ ରଞ୍ଜନ କୁମାର ସ୍ୟାମଲ, ଅବସରପ୍ରାପ୍ତ ସହକାରୀ ନିର୍ବାହୀ ଯନ୍ତ୍ରୀ, (ପୂର୍ତ୍ତ ବିଭାଗ),ପ୍ରକଳ୍ପ ବୈଷୟିକ

ଶ୍ରୀମତୀ ବିନ୍ଦୁବାସିନୀ ଦାସ, ସରପଞ୍ଚ ଓରନ୍ଦା ଗ୍ରାମପଞ୍ଚାୟତ

Mamina Ghadei
ଶ୍ରୀମତୀ ମାମିନା ଘଡେଇ, ୱାର୍ଡ ସଦସ୍ୟ (ୱାର୍ଡ ନମ୍ବର – ୮), କପୁରସିଂହ

Scanned with OKEN Scanner

# ତହସିଲ କା[illegible]ୟ, ଆ[illegible]ଗଡ଼, କଟକ

ଭୂ-ଅର୍ଜ[illegible]

(ନ୍ୟାୟୋଚିତ କ୍ଷତିପୁରଣ ଏବଂ ଭୂ-ଅର୍ଜନ, ପୁ[illegible]ସ ଓ [illegible]କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLA R&R Act, 2013) ମସି[illegible] ଧାରା (୭) ଅନୁଯାୟୀ)

## ସର୍ବସାଧାରଣ ନୋଟିସ

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି କି, ଆଠଗଡ ତହସିଲ ଅନ୍ତର୍ଗତ **NH-55**ରୁ ମେସର୍ସ ଅଲଟ୍ରାଟେକ ସିମେଣ୍ଟ ଲିମିଟେଡର ପ୍ଲାଣ୍ଟ ସ୍ଥାନ ପର୍ଯ୍ୟନ୍ତ ଆପ୍ରୋଚ ରୋଡ ନିର୍ମାଣ ପାଇଁ ନିମ୍ନ ତଫସିଲ ଘରୋଇ ଜମି ଅଧିଗ୍ରହଣର ଆବଶ୍ୟକ ପଡୁଅଛି । ଉକ୍ତ ଜମି ରାଜ୍ୟ ସରକାରଙ୍କ ଦ୍ୱାରା ଅଧିଗ୍ରହଣ କରାଯାଇ ଭୂମି ମାଲିକମାନଙ୍କୁ ନ୍ୟାୟୋଚିତ କ୍ଷତିପୁରଣ ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩ (RFCTLA R&R Act, 2013) ମସିହା ଅନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ । ଏଥିପାଇଁ ସ୍ୱତନ୍ତ୍ର ବହୁଦର୍ଶୀ ବିଶେଷଜ୍ଞ ଦଳଙ୍କ ଏକ ଅଧିବେଶନ ତା ୦୮.୦୬.୨୦୨୬ ରିଖ ଅପରାହ୍ନ ଘ୪-୩୦ ସମୟରେ **Old Conference Hall,** ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଟକ ଠାରେ ଅନୁଷ୍ଠିତ ହୋଇଥିଲା, ଯାହାର ସୁଚିନ୍ତିତ ମୂଲ୍ୟାୟନ ଓ ସୁପାରିଶ୍ ରିପୋର୍ଟର ନକଲ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଟକ, ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଆଠଗଡ, ଲ୍ୟାଣ୍ଡ ଅଫିସରଙ୍କ କାର୍ଯ୍ୟାଳୟ, IDCO, ଭୁବନେଶ୍ୱର, ତହସିଲଦାର ତଥା ଭୂ-ଅର୍ଜନ ଅଧିକାରୀ, ଆଠଗଡଙ୍କ କାର୍ଯ୍ୟାଳୟରେ ତଥା କଟକ ଜିଲ୍ଲା website www.cuttack.odisha.gov.inରେ ଉପଲବ୍ଧ ଅଛି ।

ଏହା ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇଦିଆଗଲା ।

Number of Process......[illegible]
Date of Return...............
Name of Peon...............
Date of Receipt........[illegible]
Nazir
Tahasil Office, Athagarh

ତହସିଲଦାର ତଥା ଭୂ-ଅର୍ଜନ
ଅଧିକାରୀ, ଆଠଗଡ

## ଭୂମି ଅନୁସୂଚୀ

ତହସିଲ - ଆଠଗଡ, ମୌଜା - **ଖମାରନୂଆଗାଁ**, ଥାନା- ଗୁରୁଡିଝାଟିଆ, ଜିଲ୍ଲା - କଟକ ।

| କ୍ର. ନଂ | ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ରାୟତଙ୍କ ନାମ |
|---|---|---|---|---|---|---|
| ୧ | ୨୮ | ୬୭୪ | ଏ ୦.୫୮ ଡି | ଏ ୦.୨୨ ଡି | ଶାରଦ ତିନି/୭ | କାର୍ତ୍ତିକ ରାଉତ, ପି: ଆନନ୍ଦ ରାଉତ, ଗନ୍ଧର୍ବ ରାଉତ, ପି : ନଟ ରାଉତ, ବା : ଖମାରନୂଆଗାଁ, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| ୨ | ୩୨ | ୬୭୬ | ଏ ୦.୭୮ ଡି | ଏ ୦.୩୫ ଡି | ଶାରଦ ତିନି/୧୪ | କୁଞ୍ଜ ବିହାରୀ ବେହେରା, ପି : ବନ୍ଧୁ ବେହେରା ବା : ଖମାରନୂଆଗାଁ, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| ୩ | ୩୮ | ୬୭୩ | ଏ ୧.୧୧ ଡି | ଏ ୦.୧୧ ଡି | ଶାରଦ ତିନି/୧୫ | ବସନ୍ତ କୁମାର ରାଉତ, ଶରତ ଚନ୍ଦ୍ର ରାଉତ, ହେମନ୍ତ ରାଉତ, କନକଲତା ସ୍ୱାଇଁ, ପି : କୁଞ୍ଜ ବିହାରୀ ରାଉତ, ବା : ଖମାରନୂଆଗାଁ, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| ୪ | ୪୪ | ୭୪୪ | ଏ ୨.୪୪ ଡି | ଏ ୦.୬୦ ଡି | ଶାରଦ ଦୁଇ | ଅରବିନ୍ଦ ଦାସ, ବରୋଦା ଦାସ, କୁବେର ଦାସ, ପ୍ରିୟବ୍ରତ ଦାସ, ପି : ନିର୍ମଳ ଦାସ, ହରପ୍ରିୟା ଦାସ, ସ୍ୱା : ନିର୍ମଳ ଦାସ, ଯଯାତି ଦାସ, ଜତିନ ଦାସ, ସାଗର ଦାସ, ସତ୍ୟବ୍ରତ ଦାସ, ପି : ଯଦୁ ଦାସ ବା : ଖମାରନୂଆଗାଁ, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| ୫ | ୪୫ | ୭୪୩ | ଏ ୧.୬୨ ଡି | ଏ ୦.୧୮ ଡି | ଶାରଦ ତିନି/୩ | ଅରବିନ୍ଦ ଦାସ, ବରୋଦା ଦାସ, କୁବେର ଦାସ, ପ୍ରିୟବ୍ରତ ଦାସ, ପି : ନିର୍ମଳ ଦାସ, ହରପ୍ରିୟା ଦାସ, ସ୍ୱା : ନିର୍ମଳ ଦାସ, ଯଜାତି ଦାସ, ଯତିନ ଦାସ, ସାଗର ଦାସ, ସତ୍ୟବ୍ରତ ଦାସ, ପି : ଯଦୁ ଦାସ, ବା: ଖମାରନୂଆଗାଁ, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| ୬ | ୫୧ | ୭୮୯ | ଏ ୦.୨୦ ଡି | ଏ ୦.୦୮ ଡି | ଶାରଦ ତିନି | କେଳୁ ରାଉତ, ପି : ରାମ ରାଉତ, ବା : ଖମାରନୂଆଗାଁ, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |

Scanned with OKEN Scanner

| | | | | | | |
|---|---|---|---|---|---|---|
| ୭ | ୫୩ | ୭୫୮ | ଏ ୦.୫୪ ଡି | ଏ ୦.୨୫ ଡି | ଶାରଦ ଦୁଇ/୮ | କେଲୁ ରାଉତ, ପି : ରାମ ରାଉତ, ବା : ଖମାରନୂଆଗାଁ, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| | | ୭୫୯/୯୦୯ | ଏ ୦.୧୧ ଡି | ଏ ୦.୦୭ ଡି | ଶାରଦ ଦୁଇ | |
| ୮ | ୮୯ | ୫୫୭ | ଏ ୨.୭୫ ଡି | ଏ ୦.୦୮ ଡି | ଶାରଦ ତିନି/୧୨ | ଧ୍ରୁବ ଚରଣ ପତ୍ରୀ, ନୀଳମଣି ପତ୍ରୀ, ଅମ୍ବିକା ପଣ୍ଡା, ନଳିନୀ ପଣ୍ଡା, ପି-ବାଉଧର ପତ୍ରୀ, କୁନି ପତ୍ରୀ, ସ୍ୱା -ସୂର୍ଯ୍ୟମଣି ପଣ୍ଡା, ଜ୍ୟୋତିରଞ୍ଜନ ପତ୍ରୀ, ସୌମ୍ୟରଞ୍ଜନ ପତ୍ରୀ, ପି- ସୂର୍ଯ୍ୟମଣି ପତ୍ରୀ, ରଙ୍କନିଧି ପଣ୍ଡା, ଅଞ୍ଜନା ଦାଶ , ପି- ପ୍ରହଲ୍ଲାଦ ପଣ୍ଡା, ବନ୍ଦନା ଦେବତା, କଳ୍ପନା ପାଣ୍ଡେ, ଅହଲ୍ୟା ପଣ୍ଡା, ଚନ୍ଦନା ପଣ୍ଡା, ପି- ଯୋଗେନ୍ଦ୍ର ପଣ୍ଡା, ବ୍ରଜବନ୍ଧୁ ପଣ୍ଡା, ଦୀନବନ୍ଧୁ ପଣ୍ଡା, କୃପାସିନ୍ଧୁ ପଣ୍ଡା, ନୟନ ପଣ୍ଡା, ପି- ପୂର୍ଣ୍ଣଚନ୍ଦ୍ର ପଣ୍ଡା, ଜୟନ୍ତ ପଣ୍ଡା, ଶ୍ରୀମନ୍ତ ପଣ୍ଡା, ଦୁଷ୍ମନ୍ତ ପଣ୍ଡା, ସୁସ୍ମିତା ପଣ୍ଡା, ସୁଜାତା ଦାଶ, ପି-ଲକ୍ଷ୍ମୀଧର ପଣ୍ଡା, ଦେବେନ୍ଦ୍ରନାଥ ପଣ୍ଡା, ମହେନ୍ଦ୍ର ପଣ୍ଡା, ସନ୍ତୋଷ ପଣ୍ଡା, ଜ୍ୟୋତିର୍ମୟୀ ପଣ୍ଡା, ପି-ଚନ୍ଦ୍ରମଣି ପଣ୍ଡା, ବସନ୍ତ ହୋତା, ସୁକାନ୍ତ ହୋତା, ପ୍ରଶାନ୍ତ ହୋତା, ଲକ୍ଷ୍ମୀ ପତି, ପି- ବାବାଜୀ ଚରଣ ହୋତା, ସୁବାସ କୁମାର ହୋତା, ସନ୍ତୋଷ କୁମାର ହୋତା, ସୁରେଶ ହୋତା, ପି- ଶରତ ଚନ୍ଦ୍ର ହୋତା, ବା : ମଞ୍ଚେଶ୍ୱର, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| ୯ | ୯୦ | ୬୦୦ | ଏ ୧.୧୬ ଡି | ଏ ୦.୩୩ ଡି | ଶାରଦ ୧/୫ | ଦୁର୍ଯ୍ୟୋଧନ ମୁଦୁଲି, ଉମାକାନ୍ତ ମୁଦୁଲି, ଗୋପିନାଥ ମୁଦୁଲି, ପି: ବନମାଳୀ ମୁଦୁଲି, ବା : ବିଦ୍ୟାଧରପୁର, ଥା- ଗୁରୁଡିଝାଟିଆ, ଜିଲ୍ଲା – କଟକ |
| | | ୬୭୧ | ଏ ୦.୬୯୪ ଡି | ଏ ୦.୨୫ ଡି | ଶାରଦ ୧/୧୩ | |
| | | ୭୯୩ | ଏ ୦.୨୪୨ ଡି | ଏ ୦.୦୭ ଡି | ଶାରଦ ତିନି | |
| ୧୦ | ୧୨୬ | ୫୫୮ | ଏ ୦.୦୬ ଡି | ଏ ୦.୦୬ ଡି | ଶାରଦ - ତିନି/୨ | ଫକିର ଚରଣ ଦାସ, ପି : ବିଦା ଦାସ, ବା : ଖମାରନୂଆଗାଁ, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| ୧୧ | ୨୦୪/୭୦୯ | ୫୮୫ | ଏ ୦.୧୨ ଡି | ଏ ୦.୦୬ ଡି | ଶାରଦ – ଦୁଇ/୨ | ସ୍ମୃତି ରଞ୍ଜନ ଦାସ, ପି : ଚିତରଞ୍ଜନ ଦାସ, ବା : ଖମାରନୂଆଗାଁ, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| ୧୨ | ୧୪୩ | ୫୮୩ | ଏ ୦.୮୭ ଡି | ଏ ୦.୦୩ ଡି | ଶାରଦ – ଦୁଇ/୧୨ | ବିଶ୍ୱନାଥ ଯେନା, ପି : ମନ୍ଦର ଯେନା, ବା : ଖମାରନୂଆଗାଁ, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| ୧୩ | ୧୫୨ | ୭୮୩ | ଏ ୦.୩୯ ଡି | ଏ ୦.୩୦ ଡି | ଶାରଦ – ତିନି/୮ | ଭ୍ରମର ରାଉତ, ପି : ତମେଇ ରାଉତ, ବା : ଖମାରନୂଆଗାଁ, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| ୧୪ | ୧୫୪ | ୫୫୮/୯୮୨ | ଏ ୦.୧୩ ଡି | ଏ ୦.୧୧ ଡି | ଶାରଦ – ୩ | ସୋମନାଥ ରାଉତ, ଜଗନ୍ନାଥ ରାଉତ, ଜିତେନ୍ଦ୍ର ରାଉତ, ସଞ୍ଜୁକ୍ତା ସାହୁ, ଶୁଭଶ୍ରୀ ରାଉତ, ପି : ଭାସ୍କର ରାଉତ, ବା : ଖମାରନୂଆଗାଁ, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| ୧୫ | ୧୮୨ | ୭୫୯ | ଏ ୦.୧୬ ଡି | ଏ ୦.୦୬ ଡି | ଶାରଦ ଦୁଇ/୪ | ଶଙ୍କର ରାଉତ, ପି : ଅନାଦି ରାଉତ, ବା : ଖମାରନୂଆଗାଁ, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| | | ୭୮୧/୯୦୭ | ଏ ୦.୫୫ ଡି | ଏ ୦.୨୩ ଡି | ଶାରଦ – ୧ | |
| ୧୬ | ୨୦୧ | ୭୯୧ | ଏ ୦.୨୫ ଡି | ଏ ୦.୧୨ ଡି | ଶାରଦ ୩/୪ | ହରି ସାହୁ, ଜୟାନନ୍ଦ ସାହୁ, ପି : ଗିରିଧାରି ସାହୁ<br>ପ୍ରାଣବନ୍ଧୁ ସାହୁ, ଗଜିନ୍ଦ୍ର ସାହୁ, କୁଞ୍ଜ ସାହୁ, ଘନ ସାହୁ, ପି : ଦାସ ସୁବୁଧି, ଶ୍ରୀଧର ସାହୁ, ଦଇତାରି ସାହୁ ପି : ବୃନ୍ଦାବନ ସାହୁ, ବା : ଖମାରନୂଆଗାଁ, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |

ଭୂର୍ଣଦଧ୍ୱାର୍ଥୀ

Scanned with OKEN Scanner

| | | | | | | |
|---|---|---|---|---|---|---|
| ୧୭ | ୨୦୪/୨୦୯ | ୫୮୮ | ଏ ୦.୫୨ ଡି | ଏ ୦.୨୦ ଡି | ଶାରଦ ଦୁଇ | ଗନ୍ଧର୍ବସେନ ଦାସ, ପି : କାଳନ୍ଦି ଚନ୍ଦ୍ର ଦାସ, ବା : ଖମାରନୂଆଗାଁ, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| | | ୫୯୧ | ଏ ୦.୭୫ ଡି | ଏ ୦.୪୪ ଡି | ଶାରଦ ତିନି/୧୦ | |
| ୧୮ | ୨୦୪/୭ | ୫୯୮ | ଏ ୦.୨୨ ଡି | ଏ ୦.୦୮ ଡି | ଶାରଦ ଦୁଇ | କୃତ୍ତିବାସ ମହାନ୍ତି, ପି : ଜୟକୃଷ୍ଣ ମହାନ୍ତି, ପୀତବାସ ମହାନ୍ତି, ରେଣୁବାଳା ବେହେରା, ପି :ପଞ୍ଚାନନ ମହାନ୍ତି, ସୁଧୀର ଚନ୍ଦ୍ର ମହାନ୍ତି, ସୁଷମା ନାୟକ, ସୁଭଦ୍ରା ସାହୁ, ସବିତା ଖୁଣ୍ଟିଆ, ପି :ପାଣ୍ଡବ ଚରଣ ମହାନ୍ତି, ସମୀର ମହାନ୍ତି, ଶିଶିର ମହାନ୍ତି, ପ୍ରତିମା ବିଶ୍ୱାଳ, ପ୍ରଣୟା ରାଉତ ପି :ସହଦେବ ମହାନ୍ତି, ସାବିତ୍ରୀ ମହାନ୍ତି, ସ୍ୱା :ସହଦେବ ମହାନ୍ତି, ବା: ଓରନ୍ଦା, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| | | ୫୯୭ | ଏ ୧.୨୩ ଡି | ଏ ୦.୦୮ ଡି | ଶାରଦ-୧/୭ | |
| ୧୯ | ୨୦୪/୪୮୦ | ୬୭୨ | ଏ ୦.୧୬ ଡି | ଏ ୦.୧୬ ଡି | ଶାରଦ ୩/୪ | ଅଜୟ ବେହେରା, ପି : ମୁକ୍ତା ବେହେରା, ବା : ଖମାରନୂଆଗାଁ, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| ୨୦ | ୨୦୪/୪୪୯ | ୭୮୨ | ଏ ୦.୩୭ ଡି | ଏ ୦.୩୪ ଡି | ଶାରଦ ୧ | ଦିବାକର ପ୍ରଧାନ, ପି : ବିଶ୍ୱନାଥ ପ୍ରଧାନ, ବା : କପୁରସିଂହ, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| ୨୧ | ୨୦୪/୭୦୨ | ୭୬୧ | ଏ ୧.୫୧ ଡି | ଏ ୦.୪୭ ଡି | ଶାରଦ ୩/୧୩ | ସୁଶାନ୍ତ କୁମାର ଦାଶ, ପି : ପୂର୍ଣଚନ୍ଦ୍ର ଦାଶ, ବା : ସାକିନ / ପୋଷ୍ଟ / ଥାନା - କୋଇଡା, ଜିଲ୍ଲା -ସୁନ୍ଦରଗଡ, ପିନ-770018 |
| ୨୨ | ୨୦୪/୭୦୧ | ୭୬୨/୧୪୬୭ | ଏ ୦.୫୭ ଡି | ଏ ୦.୨୩ ଡି | ଶାରଦ ୩/୧୦ | ସୁଶାନ୍ତ କୁମାର ଦାଶ, ପି : ପୂର୍ଣଚନ୍ଦ୍ର ଦାଶ, ବା : ସାକିନ / ପୋଷ୍ଟ / ଥାନା - କୋଇଡା, ଜିଲ୍ଲା -ସୁନ୍ଦରଗଡ, ପିନ-770018 |
| ୨୩ | ୨୦୪/୩୫୦ | ୫୮୭ | ଏ ୦.୩୬ ଡି | ଏ ୦.୧୫ ଡି | ଶାରଦ ତିନି | ଯାଦବ ଚନ୍ଦ୍ର ଦାସ, ପି : ଚିନ୍ତାମଣି ଦାସ, ବା : ଖମାରନୂଆଗାଁ, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| ୨୪ | ୨୨୧ | ୫୬୦ | ଏ ୦.୭୭ ଡି | ଏ ୦.୧୦ ଡି | ଶାରଦ ୧/୯ | ଶ୍ରୀରଘୁନାଥ ଜିଉ ବିଜେ ନିଜିଗଡ ମାରଫ ଏଣ୍ଡୋମେଣ୍ଟ କମିଶନର ଓଡିଶା |
| ୨୫ | ୨୦୪/୩୮୬ | ୫୮୪/୧୩୭୮ | ଏ ୦.୫୧ ଡି | ଏ ୦.୨୩ ଡି | ଶାରଦ ୨ | ମଧୁସୁଦନ ଦାସ, ପି : ଚିନ୍ତାମଣି ଦାସ, ବା : ଖମାରନୂଆଗାଁ, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| ୨୬ | ୨୦୪/୩୨୯ | ୭୯୦/୧୩୨୧ | ଏ ୦.୪୪ ଡି | ଏ ୦.୧୬ ଡି | ଶାରଦ ତିନି | ଶିବଶଙ୍କର ସାହୁ, ଦେବେନ୍ଦ୍ରନାଥ ସାହୁ, ପି : ଭିକାରି ସାହୁ, ବା : ଖମାରନୂଆଗାଁ, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| ୨୭ | ୧୫୪ | ୫୫୯ | ଏ ୦.୪୦ ଡି | ଏ ୦.୪୦ ଡି | ଶାରଦ ୧ | ସୋମନାଥ ରାଉତ, ଜଗନ୍ନାଥ ରାଉତ, ଜିତେନ୍ଦ୍ର ରାଉତ, ସଞ୍ଜୁକ୍ତା ସାହୁ, ଶୁଭଶ୍ରୀ ରାଉତ, ପି : ଭାସ୍କର ରାଉତ, ବା : ଖମାରନୂଆଗାଁ, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |

## ଭୂମି ଅନୁସୂଚୀ

ତହସିଲ - ଆଠଗଡ, ମୌଜା - କୋଳଥପଙ୍ଗି, ଥାନା- ଗୁରୁଡିଝାଟିଆ, ଜିଲ୍ଲା - କଟକ ।

| କ୍ର. ନଂ | ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ରାୟତଙ୍କ ନାମ |
|---|---|---|---|---|---|---|
| ୧ | ୨୨ | ୩୧୩ | ଏ ୧.୧୦ ଡି | ଏ ୦.୦୫ ଡି | ଶାରଦ ୧/୫ | ଧନି ସାହୁ, ପି - ଦିନବନ୍ଧୁ ସାହୁ, ବା - ବିଦ୍ୟାଧରପୁର, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| ୨ | ୪୫ | ୩୧୧ | ଏ ୦.୩୭ ଡି | ଏ ୦.୧୯ ଡି | ଶାରଦ ୨/୫ | ବାଞ୍ଛାନିଧି ସାମଲ, ରାଜକିଶୋର ସାମଲ ପି - ଗୋବର୍ଦ୍ଧନ ସାମଲ, ବା - କୋଳଥପଙ୍ଗି, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |

Scanned with OKEN Scanner

| | | | | | | |
|---|---|---|---|---|---|---|
| ୩ | ୭୦ | ୩୦୪ | ଏ ୦ ୨୨ ଡି | ଏ ୦.୦୨ ଡି | ଶାରଦ - ୩ | ଲକ୍ଷ୍ମଣ ନାଏକ, ପି- ଦାସୁ ନାଏକ, ଭ୍ରମର ନାଏକ, ସୁମତ ନାଏକ, ଅର୍ଜୁନ ନାଏକ, ପି- ଶ୍ରୀଧର ନାଏକ, ବା - କୋଳଥପଙ୍ଗି, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| | | ୩୦୬ | ଏ ୦.୪୫ ଡି | ଏ ୦ ୦୮ ଡି | ଶାରଦ - ୨ | |
| | | ୩୧୦ | ଏ ୦.୫୪ ଡି | ଏ ୦.୧୭ ଡି | ଶାରଦ - ୨ | |
| ୪ | ୭୫ | ୨୯୦ | ଏ ୦.୮୨ ଡି | ଏ ୦.୨୫ ଡି | ଶାରଦ - ୨ | ଶ୍ରୀଭାଗବତ ଗୋସାଇଁ ବିଜେ ନିର୍ଯ୍ୟା ମାରଫତ ସତ୍ୟବାଦି ବେଉରା, ଓ ଜୟାନନ୍ଦ ବେଉରା, ବାସୁଦେବ ବେଉରା, ପି ଚିନ୍ତାମଣି ଶ୍ରୀଚନ୍ଦରା, ବା - କୋଳଥପଙ୍ଗି, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| | | ୩୧୨ | ଏ ୦.୫୬ ଡି | ଏ ୦.୦୮ ଡି | ଶାରଦ ଦୁଇ/୪ | |
| | | ୩୦୫ | ଏ ୦.୫୮ ଡି | ଏ ୦.୩୧ ଡି | ଶାରଦ ଦୁଇ/୪ | |
| ୫ | ୭୬ | ୩୦୭ | ଏ ୦.୩୨ ଡି | ଏ ୦.୧୨ ଡି | ଶାରଦ ଦୁଇ/୨ | ଶ୍ରୀଭାଗବତ ଗୋସାଇଁ ବିଜେ ନିର୍ଯ୍ୟା ମାରଫତ ସତ୍ୟବାଦି ବେଉରା, ଜୟାନନ୍ଦ ବେଉରା ଓ ବାସୁଦେବ ବେଉରା, ପି : ଚିନ୍ତାମଣୀ ଶ୍ରୀଚନ୍ଦରା, ବା : କୋଳଥପଙ୍ଗି, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| ୬ | ୭୮ | ୩୦୮ | ଏ ୦.୧୬ ଡି | ଏ ୦.୦୮ ଡି | ଶାରଦ -୧ | ଶ୍ରୀଭାଗବତ ଗୋସାଇଁ ବିଜେ ନିର୍ଯ୍ୟା ମାରଫତ ସତ୍ୟବାଦି ବେଉରା, ଜୟାନନ୍ଦ ବେଉରା ଓ ବାସୁଦେବ ବେଉରା, ପି : ଚିନ୍ତାମଣି ଶ୍ରୀଚନ୍ଦରା, ବା : କୋଳଥପଙ୍ଗି ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| ୭ | ୮୨ | ୩୦୨ | ଏ ୦.୧୫ ଡି | ଏ ୦.୦୯ ଡି | ଶାରଦ -୨ | ବିକଳ ବେହେରା, ଆକୁଳି ଚରଣ ବେହେରା, ପି : ଶ୍ରୀଧର ବେହେରା, ବା : କୋଳଥପଙ୍ଗୀ, ଗୋଲାପ ଦାସ ପି : ଶ୍ରୀଧର ବେହେରା, ବା : ନେଉଳିପୁର, ଜି - ଯାଯପୁର, ଫୁଲ ବେହେରା, ପି: ଶ୍ରୀଧର ବେହେରା ବା : ରାମଚଣ୍ଡି, ଜି - କଟକ |
| ୮ | ୮୩ | ୩୧୪ | ଏ ୦.୧୭ ଡି | ଏ ୦.୧୪ ଡି | ଶାରଦ - ଦୁଇ/୨ | ଶୁକ ଦେଇ, ପି : ଗୋବିନ୍ଦ ସ୍ୱାଇଁ, ଘନ ସ୍ୱାଇଁ, ପି : ଫକିର ସ୍ୱାଇଁ, ଚକ୍ରଧର ସ୍ୱାଇଁ, ବିଶ୍ୱନାଥ ସ୍ୱାଇଁ, ବାସୁ ସ୍ୱାଇଁ, ପି: ନନ୍ଦ ସ୍ୱାଇଁ, ବା : କୋଳଥପଙ୍ଗି ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| ୯ | ୯୨/୩ | ୩୧୬/୩୯୭ | ଏ ୦.୦୯ ଡି | ଏ ୦.୦୯ ଡି | ଶାରଦ - ଦୁଇ | ସୋମନାଥ ରାଉତ, ଜଗନ୍ନାଥ ରାଉତ, ଜିତେନ୍ଦ୍ର ରାଉତ, ସଞ୍ଜୁକ୍ତା ସାହୁ, ଶୁଭଶ୍ରୀ ରାଉତ, ପି : ଭାସ୍କର ରାଉତ, ବା : ଖମାରନୂଆଗାଁ, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| ୧୦ | ୯୨/୧୬୭ | ୩୧୫ | ଏ ୦.୨୯ ଡି | ଏ ୦.୨୯ ଡି | ଶାରଦ ଦୁଇ/୪ | ହରିଶ୍ଚନ୍ଦ୍ର ସ୍ୱାଇଁ, ପି : କରୁଣାକର ସ୍ୱାଇଁ, ବା : କୋଳଥପଙ୍ଗି, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| ୧୧ | ୯୨/୧୩୧ | ୩୦୩ | ଏ ୦.୧୫ ଡି | ଏ ୦.୧୫ ଡି | ଶାରଦ ଦୁଇ/୨ | ବିଜୟ କୁମାର ଦାସ, ସଞ୍ଜୟ କୁମାର ଦାସ, ଖୁଲଣା ବେହେରା, ପି : ବାବାଜୀ ଚରଣ ଦାସ, ବା : କୋଳଥପଙ୍ଗି, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| ୧୨ | ୯୨/୨୧୨ | ୧୭୮ | ଏ ୦.୪୫ ଡି | ଏ ୦.୦୮ ଡି | ପୁରାତନ ପତିତ | ନିଶାକର ସାହୁ, ପି : ବୃନ୍ଦାବନ ସାହୁ, ବା : ଜଗନ୍ନାଥ ସାହି, କାଫଲା ବଜାର, ଥା - ବିଡାନାସୀ, ଜି - କଟକ |
| | | ୧୭୮/୬୭୬ | ଏ ୦.୫୦ ଡି | ଏ ୦.୨୨ ଡି | ଘରବାରି | |
| ୧୩ | ୯୨/୨୨୨ | ୧୭୪ | ଏ ୧.୨୮ ଡି | ଏ ୦.୪୫ ଡି | ଶାରଦ ଦୁଇ | ସଂଜୁକ୍ତା ସାହୁ ,ସ୍ୱା :ନିଶାକର ସାହୁ, ପ୍ରେମଲତା ସାହୁ, ପି : ନାରାୟଣ ସାହୁ, ବା : କାଫଲା ବଜାର, ଜଗନ୍ନାଥ ସାହି, ପୋ– କାଫଲା ବଜାର, ଥା – ବିଡାନାସୀ, ଜି - କଟକ |
| ୧୪ | ୯୨/୩୧୦ | ୩୧୬ | ଏ ୦.୨୯ ଡି | ଏ ୦.୧୨ ଡି | ଶାରଦ -୧ | ନିରଞ୍ଜନ ନାଥ, ପି : ପ୍ରହଲ୍ଲାଦ ନାଥ, ବା : ସାକିନ - ଛୋଟିଆମ୍ବ, ପୋଷ୍ଟ / ଥାନା - ଗୁରୁଡିଝାଟିଆ, ଜିଲ୍ଲା - କଟକ |

Scanned with OKEN Scanner

# ଭୂମି ଅନୁସୂଚୀ

ତହସିଲ - ଆଠଗଡ, ମୌଜା - କପୁରସିଂହ, ଥାନା- ଗୁରୁଡିଝାଟିଆ, ଜିଲ୍ଲା - କଟକ ।

| କ୍ର. ନଂ | ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଅଧିଗ୍ରହଣ ରକବା | କିସମ | ରାୟତଙ୍କ ନାମ |
|---|---|---|---|---|---|---|
| ୧ | ୯୯ | ୨୫୮ | ଏ ୦.୩୧ ଡି | ଏ ୦.୦୯ ଡି | ପୁ. ପତିତ | ପଦ୍ମ ଚରଣ ଭୂୟାଁ, ପି : ନାରାୟଣ ଭୂୟାଁ, ସରଳା ଭୂୟାଁ, ସ୍ଵା : ଗନ୍ଧର୍ବ ଭୂୟାଁ, ଆଲୋକ ରଞ୍ଜନ ଭୂୟାଁ, ଦୀପକ କୁମାର ଭୂୟାଁ, ଶୁଭ୍ରାରଶ୍ମି ବେଉରା, ସ୍ୱାଗତିକା ସାହୁ, ପି : ଗନ୍ଧର୍ବ ଭୂୟାଁ, ବା : କପୁରସିଂହ, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| | | ୨୬୦ | ଏ ୦.୧୧ ଡି | ଏ ୦.୧୧ ଡି | ପୁ. ପତିତ | |
| ୨ | ୧୨୩ | ୨୪୨ | ଏ ୦.୩୦ ଡି | ଏ ୦.୦୧ ଡି | ଶାରଦ - ୩ | ଶ୍ରୀ ଭାଗବତ ପ୍ରଧାନ, ପି – ଭାସ୍କର ପ୍ରଧାନ, ବା – କପୁରସିଂହ, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| ୩ | ୧୪୪ | ୨୨୮ | ଏ ୦.୨୧ ଡି | ଏ ୦.୨୧ ଡି | ଗୋଡା – ୨/୩ | ଭାଗବତ ପ୍ରଧାନ, ଲତା ସାହୁ, ନଳିନୀ ସାହୁ, ପି :ଭାସ୍କର ପ୍ରଧାନ, ସୁଶୀଲ ପ୍ରଧାନ, ବବିତା ପ୍ରଧାନ, ପି : ଦୁର୍ଯୋଧନ ପ୍ରଧାନ, ହରିହର ପ୍ରଧାନ, ସରୋଜିନି ପ୍ରଧାନ, ସୌଭାଗିନୀ ପ୍ରଧାନ, ପଙ୍କଜିନୀ ପ୍ରଧାନ, ପି : ଦୁଃଶାସନ ପ୍ରଧାନ, କାଞ୍ଚନବାଳା ପ୍ରଧାନ, ସ୍ଵା : ମୁରଲୀଧର ପ୍ରଧାନ, ପ୍ରମୋଦ ପ୍ରଧାନ, ମଳୟ ମଞ୍ଜରି ପ୍ରଧାନ, ପି :ମୁରଲୀଧର ପ୍ରଧାନ, ବା : କପୁରସିଂହ, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| ୪ | ୧୪୯ | ୫୬୮ | ଏ ୦.୬୪.୭ କଡି | ଏ ୦.୦୭ ଡି | ଗୋଡା | ମାଗୁଣି ସୁବୁଦ୍ଧି, ପି – ବିନୋଦ ସାହୁ, ବା – ଲିଙ୍ଗପଡା, ଭ୍ରମର ସାମଲ, ଅର୍ଜୁନ ସାମଲ, ପି – ଦୈତାରୀ ସାମଲ, ବା – କପୁରସିଂହ, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| ୫ | ୧୫୫ | ୫୬୭ | ଏ ୨.୫୬ ଡି | ଏ ୦.୪୯ ଡି | ଗୋଡା-୨ | ରବୀନ୍ଦ୍ରନାଥ ରାଉତ, ପି – ରଘୁନାଥ ରାଉତ, ବା-କପୁରସିଂହ, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| | | ୨୫୬ | ଏ ୧.୧୧ ଡି | ଏ ୦.୭୩.୭ କଡି | ଶାରଦ-୩ | |
| ୬ | ୧୯୮/୧୮୩ | ୨୨୬ | ଏ ୦.୨୨ ଡି | ଏ ୦.୦୧ ଡି | ଘରବାରି | ସରୋଜ କୁମାର ଦାସ, ପି – ଶରତ ଚନ୍ଦ୍ର ଦାସ, ବା – ବାଳି, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| ୭ | ୧୯୮/୭୨୫ | ୨୨୬/୧୦୪୬ | ଏ ୦.୪୦ ଡି | ଏ ୦.୩୫ ଡି | ପୁ. ପତିତ | କ୍ରୀଷ୍ଣା କୁମାର ଭରଦ୍ୱାଜ, ପି – ଖୁଶିରାମ ଶର୍ମା, ବା –ବାଖରାବାଦ, ଥାନା – ପୁରୀଘାଟ, ଜିଲ୍ଲା-କଟକ |
| ୮ | ୧୯୮/୪୬୪ | ୨୨୭ | ଏ ୦.୧୨ ଡି | ଏ ୦.୧୨ ଡି | ଘରବାରି | ଅଜିତ କୁମାର ଭୂୟାଁ, ପି – ଚତୁର୍ଭୁଜ ଭୂୟାଁ, ବା – କପୁରସିଂହ, ପୋ- ଓରନ୍ଦା, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| ୯ | ୧୯୮/୩୭୪ | ୨୨୭/୧୩୭୩ | ଏ ୦.୧୨ ଡି | ଏ ୦.୧୨ ଡି | ଘରବାରି | ଜ୍ୟୋତ୍ସ୍ନାରାଣୀ ଲେଙ୍କା, ସ୍ଵା- ମହେନ୍ଦ୍ର କୁମାର ଲେଙ୍କା, ବା – କପୁରସିଂହ, ହା- VIM-98, ଶୈଳଶ୍ରୀ ବିହାର, ଭୁବନେଶ୍ଵର |
| ୧୦ | ୧୯୮/୭୫ | ୨୫୮/୧୧୫୧ | ଏ ୦.୩୦ ଡି | ଏ ୦.୨୦ ଡି | ପୁ. ପତିତ | ସତ୍ୟଭାମା ସାମଲ, ସାବିତ୍ରୀ ମହାନ୍ତି, ପି- ହରିହର ସାମଲ, ବା – କପୁରସିଂହ, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |
| | | ୨୫୯/୧୧୫୨ | ଏ ୧.୩୯ ଡି | ଏ ୦.୫୦ ଡି | ଶାରଦ ୧/୪ | |
| | | ୨୬୧/୧୧୫୪/୧୮୩ | ଏ ୦.୩୧ ଡି | ଏ ୦.୧୫ ଡି | ଶାରଦ -୨ | |
| ୧୧ | ୧୯୮/୫୨ | ୨୬୦/୧୧୫୩ | ଏ ୦.୧୧ ଡି | ଏ ୦.୧୧ ଡି | ପୁ. ପତିତ | ରବୀନ୍ଦ୍ର କୁମାର ଭୂୟାଁ, ଅଜିତ କୁମାର ଭୂୟାଁ, ପି :ଚତୁର୍ଭୁଜ ଭୂୟାଁ, ଶାନ୍ତିଲତା ଭୂୟାଁ, ସ୍ଵା : ଚତୁର୍ଭୁଜ ଭୂୟାଁ, ବା – କପୁରସିଂହ, ଥାନା – ଗୁରୁଡିଝାଟିଆ, ଜିଲ୍ଲା – କଟକ |

Scanned with OKEN Scanner

| | | | | | | |
|---|---|---|---|---|---|---|
| ୧୨ | ୧୯୮/୨୪୨ | ୫୬୮/୧୩୦୩ | ଏ ୦.୧୬ ଡି | ଏ ୦.୦୮ ଡି | ଗୋଡା-୩ | ବିରଞ୍ଚି ନାରାୟଣ ସେଠୀ, ପି - ମହେଶ୍ୱର ସେଠୀ, ବା - କପୁରସିଂହ, ଥାନା - ଗୁରୁଡିଝାଟିଆ, ଜିଲ୍ଲା – କଟକ |
| | | ୫୬୮/୧୩୦୫ | ଏ ୦.୧୬.୩ କଡି | ଏ ୦.୧୬.୩ କଡି | ଗୋଡା-୩ | |

ପରିପତ୍ର ସଂଖ୍ୟା ନଂ 3547 ତା: 20.6.26

ଏହାର ଏକକିତା ନକଲ ଜିଲ୍ଲାପାଳ, କଟକ / ଉପଜିଲ୍ଲାପାଳ, ଆଠଗଡ / ଲ୍ୟାଣ୍ଡ ଅଫିସର, IDCO, ଭୁବନେଶ୍ୱର / ରାଜ୍ୟ ସଂଯୋଜକ, ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣାକାରୀ କେନ୍ଦ୍ର, ଓଡିଶା – ଭୁବନେଶ୍ୱରଙ୍କ ଅବଗତି ଏବଂ ତହସିଲଦାର-ତଥା-ଭୂ-ଅର୍ଜନ ଅଧିକାରୀ, ଆଠଗଡ କାର୍ଯ୍ୟାଳୟ ବିଜ୍ଞାପନ ଫଳକରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର-ତଥା-ଭୂ-ଅର୍ଜନ
ଅଧିକାରୀ, ଆଠଗଡ

Scanned with OKEN Scanner